ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ନଭେମ୍ବର ୨୯/୨୦୧୯ Rayagada, Friday, November. 29 / 2019

## ସଂକ୍ଷେପରେ



### ୩୦ ଏକର ଜମିର ଗଞ୍ଜେଇ ଗଛ ନଷ୍ଟ

ଗୁଣପୁର,୨୮।୧୧(ଡି.ଏନ୍.ଏ.): ରାୟଗଡା ଜିଲା ପଦ୍ମପୁର ବ୍ଲକ କେନ୍ଦୁଗୁଡା ଡ୍ୟାମ ଅଞ୍ଚଳରେ ବ୍ୟାପକ ପରିମାଣରେ ଚାଷ କରାଯାଇଥିବା ଗଞ୍ଜେଇ ଗଛଗୁଡିକୁ ଗୁରୁବାର ନଷ୍ଟ କରାଯାଇଛି। ପୋଲିସ, ଅବକାରୀ, ଜଙ୍ଗଲ, ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୩୦ ଏକର ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛଗୁଡିକୁ ପୋଡି ନଷ୍ଟ କରାଯାଇଛି। ଏହି ସମୟରେ ମାଜିଷ୍ଟ୍ରେଟଭାବେ ପଦ୍ମପୁର ତହସିଲଦାର ଉପସ୍ଥିତ ଥିଲେ। ଗୁଣପୁର ଏସ୍‌ଡିପିଓ ରାଜ କିଶୋର ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଏଥିରେ ସହଯୋଗ କରିଥିଲେ।

### ହୋଟେଲରୁ ୫ ଶିଶୁ ଶ୍ରମିକ ଉଦ୍ଧାର

ରାୟଗଡା ଅଫିସ, ୨୮।୧୧: ରାୟଗଡା ଚାଇଲ୍ଡ ଲାଇନ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟସ୍ଥ ୩ଟି ହୋଟେଲରେ କାମ କରୁଥିବା ୫ ଜଣ ଶିଶୁଶ୍ରମିକଙ୍କୁ ଗୁରୁବାର ଉଦ୍ଧାର କରିଛି। ସେମାନେ କାଶୀପୁର ବ୍ଲକ ଚିଲିଗୁଡା ଓ ବେଲଗଛତୁଣ୍ଡା ଗ୍ରାମର ବୋଲି ଜଣାପଡିଛି। ହୋଟେଲରେ ଖାଦ୍ୟ ପରିବେଷଣ କରୁଥିବାବେଳେ ଚାଇଲ୍ଡଲାଇନ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛି।

### ସଂସ୍କୃତି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଗୁଣପୁର,୨୮।୧୧(ଡି.ଏନ.ଏ):ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ସଂସ୍କୃତି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିକାଶ ବିଷୟକୁ ଆଧାର କରି ବିଭିନ୍ନ ପ୍ରସଙ୍ଗ ଯଥା ଜୀବନରେ ବିଜ୍ଞାନର ମହତ୍ତ୍ୱ , ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର ଓ ଉଦ୍ଭାବନ , ଆମର ନିତି ନିୟମ ଏବଂ ପରମ୍ପରାରେ ଥିବା ବୈଜ୍ଞାନିକ ସିଦ୍ଧାନ୍ତ , ବିଜ୍ଞାନ କ୍ଷେତ୍ରରେ ଭାରତର ଯୋଗଦାନ, ରକ୍ଷାକ୍ଷେତ୍ରରେ ଆମର ଉପଲବ୍ଧି, ବୈଜ୍ଞାନିକ ଭାବନାର ବିକାଶ ନେଇ ଉପସ୍ଥାପନା କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନ ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବଭିନ୍ନ ବିଦ୍ୟାଳୟରୁ ଆସିଥିବା ବିଜ୍ଞାନ ଶିକ୍ଷକ ଯଥା ପ୍ରସନ୍ନ କୁମାର ତ୍ରିପାଠୀ, ଏମ.କେଶବରାଓ, କାଳିଦାସ ପଟ୍ଟନାୟକ, ଗଦାଧର ପାଣିଗ୍ରାହୀ , କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କରନ କଂସବେହେରା ଏବଂ ପରିତ୍ରାଣ ମହାପାତ୍ର ପ୍ରମୁଖ ବିଜ୍ଞାନର ବିଭିନ୍ନ ପ୍ରସଙ୍ଗ ଉପରେ ଶୈକ୍ଷିକ କାଳାଂଶ ନେଇଥିଲେ। ଏଥିରେ ସଂଘର ବରିଷ୍ଠ କର୍ମକର୍ତ୍ତା ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାର ମହନୀୟତା ଉପରେ ପିଲାମାନଙ୍କୁ ବୁଝାଇଥିଲେ । ଶିଶୁବିଦ୍ୟା ମନ୍ଦିର ସମେତ ଅନ୍ୟାନ୍ୟ ସ୍କୁଲର ପିଲାମାନେ ମଧ୍ୟ ଭାଗ ନେଇଥିଲେ ।

### ମଧୁବାବୁ ପେନ୍‌ସନ ବଣ୍ଟନ

ଗୁମ୍ମା,୨୮।୧୧:ଗୁମ୍ମା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ଗୁରୁବାର ମଧୁବାବୁ ପେନ୍‌ସନ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ ଗଜେନ୍ଦ୍ର ଗମାଙ୍ଗ, ବିଡିଓ ନଟବର ଗରଡ଼ା, ଜିଲା ପରିଷଦ ସଭ୍ୟା ହିମାଂଶୁ ଲିମା ଓ ପଞ୍ଚାୟତର ପିଇଓମାନେ ଉପସ୍ଥିତ ରହି ୧୮୬ ହିତାଧିକାରୀଙ୍କୁ ପେନ୍‌ସନ ବଣ୍ଟନ କରିଥିଲେ। ଗୁମ୍ମା ବ୍ଲକ୍‌ରେ ସରକାରଙ୍କ ସମସ୍ତ ସୁବିଧା ଯେପରି ପହଞ୍ଚିପାରିବ ସେଥିପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି ବୋଲି ବିଡିଓ ଏଠାରେ କହିଥିଲେ।

### ୬୫ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ

ପାରଳାଖେମୁଣ୍ଡି,୨୮।୧୧ (ସ୍ୱ.ପ୍ର.): ଆର୍. ଉଦୟଗିରି ଥାନା ଅନ୍ତର୍ଗତ ତଣ୍ଡରାଙ୍ଗ ଗ୍ରାମରେ ପୋଲିସ, ଅବକାରୀ ଓ ରାଜସ୍ୱ ବିଭାଗ ପକ୍ଷରୁ ୬୫ ଏକର ଜମିରେ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ଅଧୀକ୍ଷକ ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଚଢ଼ାଉ କରାଯାଇଥିଲା। ୧ଲକ୍ଷ ୩୦ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବାବେଳେ ଏହାର ମୂଲ୍ୟ ପ୍ରାୟ ୧୩କୋଟି ଟଙ୍କା ହେବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

■ ୨୫ତମ ଜିଲାସ୍ତରୀୟ ଯୁବ ମହୋତ୍ସବ

# ସଂସ୍କୃତି ଆମ ପରିଚୟ



ପୁଟାସିଂ ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଜିଲାପାଳ ନାଚୁଛନ୍ତି।



ଆଜାଦ୍ ହିନ୍ଦ ୟୁଥ୍ ଆସୋସିଏଶନ ଛାତ୍ରୀଛାତ୍ର ଢେମ୍‌ସା ନୃତ୍ୟ ପରିବେଷଣ କରୁଛନ୍ତି।

■ ପାରମ୍ପରିକ ନୃତ୍ୟ, ବାଦ୍ୟରେ ଦୁଲୁକିଲା ମଞ୍ଚ

■ ପିଲାଙ୍କ ସହ ନାଚିଲେ ଜିଲାପାଳ

ରାୟଗଡ଼ା ଅଫିସ,୨୮।୧୧

ସଂସ୍କୃତି ଆମ ପରିଚୟ। ବ୍ୟସ୍ତପବହୁଳ ଜୀବନ ମଧ୍ୟରେ ଆମକୁ ସଂସ୍କୃତି ଓ ପରମ୍ପରା ପାଇଁ ସମୟ କାଢିବା ଆବଶ୍ୟକ। ଏହି ପରମ୍ପରାକୁ ଆମେ ହିଁ ଆଗେଇ ନେବା। ପାଠପଢା ସହ ଏଥିପାଇଁ ସମୟ କାଢିବା ଆବଶ୍ୟକ ବୋଲି ୨୫ତମ ଜିଲାସ୍ତରୀୟ ଯୁବ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଏହା କହିଛନ୍ତି। ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ପରିଚାଳିତ ଏବଂ ଜିଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ଲାୟନ୍ସ କ୍ଲବରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲାପାଳ ଏହାକୁ ଉଦ୍‌ଘାଟନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେବାକୁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପୌର ପରିଷଦ ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ବକ୍ସିପାତ୍ର, ବ୍ରଜସୁନ୍ଦର ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ନାଟ୍ୟଗୁରୁ ନରେନ୍ଦ୍ର କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ୨ ଦିନ ଧରି ଚାଲିବ। ଏଥିରେ ବଂଶୀ, ହାରମୋନିୟମ, ଗୀଟାର, ତବଲା, ଓଡ଼ିଶୀ, ବକ୍ତୃତା ସହ ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଉଛି। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇଛନ୍ତି। ପୁଟାସିଂ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଲାଞ୍ଜିଆ ସଉରା ନୃତ୍ୟ ପରିବେଶଣ କରିଥିଲେ। ନୃତ୍ୟର ଯାଦୁରୁ ନିଜକୁ ବଞ୍ଚାଇ ନ ପାରି ଜିଲାପାଳ ମଧ୍ୟ ମଞ୍ଚରେ ପିଲାଙ୍କ ସହ ନାଚିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଶୁକ୍ରବାର ପୁରସ୍କୃତ କରାଯିବ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।

## ଏକାଗ୍ରତା ସହ ମାନସିକ ଶାନ୍ତି ଦିଏ ଯୋଗ



ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର।

ଗୁଣପୁର,୨୮।୧୧(ଡି.ଏନ.ଏ)

ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ଏକ ଯୋଗ ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ବିଶାଖାପାଟଣାର ପାର୍ବତୀ ଦେବୀ ଏବଂ ଗୁରୁ ଜ୍ଞାନେଶ୍ୱର ରାଓ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ଯୋଗ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଧ୍ୟୟନରେ ଏକାଗ୍ରତା ଆସିବ। ସେମାନଙ୍କ ମଧ୍ୟରେ ଶୃଙ୍ଖଳା ଜ୍ଞାନ ବଢିବା ସହ ଅବସାଦ ମୁକ୍ତ ହେବେ ବୋଲି ଗୁରୁ ଡ.ଭସଲା ପ୍ରକାଶ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଉକ୍ତ ଶିବିରରେ ଉପସ୍ଥିତ ଥିଲେ। ଜିଆଇଟି ନିର୍ଦ୍ଦେଶକ ଡ.ଜଗଦୀଶ ପଣ୍ଡା ଉପସ୍ଥିତ ରହି ସୁସମ୍ନା ଯୋଗ ସାଧନ ସମ୍ପର୍କରେ କହିଥିଲେ। ହିମାଳୟର ମୁନିଋଷିଙ୍କ ଦ୍ୱାରା ଏହା ଆରମ୍ଭ କରାଯାଇଥିଲା। ଏବେ ଏହା ତିନୋଟି ମହାଦେଶ ଛଅଟି ରାଷ୍ଟ୍ରରେ ଆଦୃତ ହୋଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

### ଗୁଣପୁରରେ ସତ୍ୟସାଇବାବାଙ୍କ ଜୟନ୍ତୀ

ଗୁଣପୁର,୨୮।୧୧(ଡି.ଏନ.ଏ)

ଗୁଣପୁରଠାରେ ସତ୍ୟସାଇବାବାଙ୍କ ୯୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିଲାଗି ସତ୍ୟ ସାଇସେବା ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁଣପୁର ବେବର୍ତ୍ତା ସାହି ଏବଂ ଟ୍ରେଜେରି ଅଫିସ ନିକଟରେ ଥିବା ସତ୍ୟ ସାଇମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଉଭୟ ସ୍ଥାନରେ ସାଇଭକ୍ତମାନେ ଭଜନ ସଂକିର୍ତ୍ତନ କରିବାସହ ନଗର ପରିକ୍ରମା କରିଥିଲେ। ଦିବ୍ୟ ପତାକା ଉତ୍ତୋଳନ ସହ ପୂଜାପାଠ କରାଯାଇଥିଲା। ସନ୍ଧ୍ୟାରେ ସତ୍ୟସାଇଙ୍କ ଜନ୍ମଦିନ ଲାଗି କେକ କଟାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଲ୍.ସୁରେଶ, ଏମ୍.ଦୂର୍ଗାୟା ଓ ସୀମାଞ୍ଚଳ ରାଓ ପ୍ରମୁଖ ସହଯୋଗ କରିଥିଲେ।

■ ମାଣ୍ଡିବିଶି ସରପଞ୍ଚ ଉପନିର୍ବାଚନ

## ବାଜି ମାରିଲେ ବିଜେଡି ସମର୍ଥିତ ପ୍ରାର୍ଥୀ

କାଶୀପୁର, ୨୮।୧୧ (ଡି.ଏନ୍.ଏ.)

କାଶୀପୁର ବ୍ଲକ ମାଣ୍ଡିବିଶି ପଞ୍ଚାୟତରେ ବୁଧବାର ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ କରାଯାଇଥିଲା। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀ ଜିଲା ମାଝି ପ୍ରତିଦ୍ୱନ୍ଦ୍ୱୀ ଏମ୍‌ଏଲ୍‌ଏ ମାଝିଙ୍କୁ ୧୬୦ଟି ଭୋଟରେ ପରାସ୍ତ କରି ନୂତନ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ସୂଚନାନୁଯାୟୀ ଜିଲା ମାଝି ୧୨୬୭ ଏବଂ ଏମ୍‌ଏଲ୍‌ଏ ମାଝି ୧୧୦୭ ଖଣ୍ଡ ଭୋଟ ପାଇଛନ୍ତି। ୧୩୬ଟି ଭୋଟ ରଦ୍ଦ ହୋଇଛି। ବିଜେଡି କର୍ମୀମାନେ ଧୁମ୍‌ଧାମରେ ବିଜୟ ଉତ୍ସବ ପାଳନ କରିଛନ୍ତି। ଦଳୀୟ କର୍ମୀଙ୍କ ପରିଶ୍ରମ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଯୋଗୁ ଏହି ବିଜୟ ସମ୍ଭବ ହୋଇଛି ବୋଲି ବିଜେଡି ଜିଲା ଉପସଭାପତି ଅମିତ ନାୟକ କହିଛନ୍ତି।



ସମର୍ଥକଙ୍କ ଗହଣରେ ବିଜୟୀ ପ୍ରାର୍ଥୀ।

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

## ଲୋକ ଅଦାଲତରେ ମକଦ୍ଦମା ଦାଏର

ରାୟଗଡା ଅଫିସ, ୨୮।୧୧

ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥା ଲାଗିରହିଛି। ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଏଥିସହ ଅସ୍ଥିଶଲ୍ୟ, ସ୍ତ୍ରୀ ରୋଗ, ଆନାସ୍ଥେସିଆ, ଚକ୍ଷୁ, ଚର୍ମ ବିଭାଗରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏଠାରେ ୪୮ ଜଣ ଡାକ୍ତର ରହିବାକୁ ଥିବାବେଳେ ମାତ୍ର ୨୧ଜଣ ଡାକ୍ତରଙ୍କୁ ନେଇ ରୋଗୀ ଚିକିତ୍ସା ଚାଲିଛି। ଏହାଛଡ଼ା ଏଠାରେ ଆବଶ୍ୟକ ଯନ୍ତ୍ରପାତି ଓ କର୍ମଚାରୀ ନାହାନ୍ତି। ଆବଶ୍ୟକ ସଂଖ୍ୟକ ଶଯ୍ୟା ମଧ୍ୟ ନାହିଁ। ଏହାର ପ୍ରତିକାର ପାଇଁ ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ ସ୍ଥାୟୀ ଲୋକ ଅଦାଲତରେ ଏକ ମକଦ୍ଦମା ଦାଏର କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଓଡିଶା, ରାୟଗଡା ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଉକ୍ତ କେସ୍‌ରେ ପ୍ରତିପକ୍ଷ କରିଛନ୍ତି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପିଟିଶନ ଦାଖଲ କରିଛନ୍ତି ବୋଲି ଆଇନଜୀବୀ କହିଛନ୍ତି।

## ରାଜୁ କଣ୍ଡାଗୋରୀ କଣାବାଇ ନୂତନ ସମିତି ସଭ୍ୟ

ବିଷମକଟକ, ୨୮।୧୧

ବିଷମକଟକ ବ୍ଲକ କଣାବାଇ ପଞ୍ଚାୟତ ସମିତି ସଭ୍ୟ ପାଇଁ ବୁଧବାର ଉପନିର୍ବାଚନ କରାଯାଇଥିଲା। ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି ହୋଇଛି। ରାଜୁ କଣ୍ଡାଗୋରୀ ୧୦୪୬ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆଦି ପ୍ରାସ୍କା ୨୯୧ ଏବଂ ନାରୁନୁ ହୁଇକା ୧୮୩ ଖଣ୍ଡ ଭୋଟ ପାଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା। ସୁଧୀର କୁମାର ଦାଶ ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ବ୍ଲକ ଉପାଧ୍ୟକ୍ଷ ରମେଶ ପାଲକା, ରମେଶ ପାକି, ଅଶ୍ୱିନୀ ପାଲକା ପ୍ରମୁଖ ରାଜୁଙ୍କୁ ବିଜୟର ଶୁଭେଚ୍ଛା ଜଣାଇଥିଲେ।



## ଗଜପତି ଜିଲା ବରିଷ୍ଠ କଳାକାର ସଂଘ ଗଠିତ

ପାରଳାଖେମିଣ୍ଡି.୨୮।୧୧(ସ୍ୱ.ପ୍ର)

ଗଜପତି ଜିଲାର ବରିଷ୍ଠ କଳାକାରମାନଙ୍କୁ ନେଇ ବରିଷ୍ଠ କଳାକାର ସଂଘ ଗଠିତ ହୋଇଛି । ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ପାରଳାଖେମୁଣ୍ଡି ସହରର ବରିଷ୍ଠ ମଞ୍ଚ ନିର୍ଦ୍ଦେଶକ ଓ କଳାକାରମାନେ ଯୋଗଦେଇଥିଲେ। ବ୍ରହ୍ମପୁରସ୍ଥିତ ଦକ୍ଷିଣ ଓଡ଼ିଶା ବରିଷ୍ଠ କଳାକାର ମହାସଂଘଙ୍କ ପରାମର୍ଶ କ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏହା ଅଧୀନରେ ନୂତନ କଳାକାର ସଂଘ ପରିଚାଳିତ ହେବ ବୋଲି ସୂଚନା ମିଳିଛି। ଆୟୋଜିତ ବୈଠକରେ ବରିଷ୍ଠ ସାହିତ୍ୟିକ ତଥା ଗବେଷକ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ବୈଠକରେ ମୁଖ୍ୟତଃ ଲୋକ-କଳାକାର ପୁନର୍ଗଠନ କରିବା ସହ କଳାକାର ମାନଙ୍କୁ ଚିହ୍ନଟ କରି ଆବଶ୍ୟକ ସହାୟତା ଯୋଗାଇ ଦେବାରେ ସହଯୋଗ କରିବା ସଂଘ ଗଠନର ମୁଖ୍ୟ ଉଦ୍ଦେଶ। ଅନ୍ୟପକ୍ଷରେ ଜିଲାରେ ଥିବା ଅନେକ ଦୁଃସ୍ଥ କଳାକାର ବିଭିନ୍ନ ସମସ୍ୟା ମଧ୍ୟଦେଇ ଗତି କରୁଛନ୍ତି । ସେମାନଙ୍କୁ ଚିହ୍ନଟ କରି ପେନସନ ବ୍ୟବସ୍ଥା କରିବା ଏବଂ ମିଳୁଥିବା ପେନସନ୍‌କୁ ୫ହଜାର ଟଙ୍କାକୁ ବୃଦ୍ଧିକରିବା, ନୂତନ ରଙ୍ଗମଞ୍ଚ ନିର୍ମାଣ ସହ ଜିଲାରେ ଲୋପ ପାଉଥିବା ଭାରତଲୀଳା, ଭୂତକେଳି, କୃଷ୍ଣଲୀଳା, ରାଧାକୃଷ୍ଣ ଲୀଳା, ଘୁଡୁକି, ପ୍ରହ୍ଲାଦ ନାଟକ, ଦାସକାଠିଆ, ସଙ୍ଗୀତ, ନୃତ୍ୟ ଓ ମଞ୍ଚ-ନାଟକର କଳାକାର ମାନଙ୍କୁ ଚିହ୍ନଟ କରାଯାଇ ପୁନରୁଦ୍ଧାର କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସନ୍ତା ଡିସେମ୍ବର ୨୦ରେ ବ୍ରହ୍ମପୁରଠାରେ କଳାକାର ମହାସଂଘ ପକ୍ଷରୁ ଏକ ବିରାଟ କଳାକାର ଶୋଭାଯାତ୍ରା ବାହାରିବ ଏବଂ କଳାକାର ଓ ଲୋକକଳା ସମସ୍ୟା ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶରେ ଏକ ସ୍ମାରକପତ୍ର ଦିଆଯିବ। ତେଣୁ ଜିଲାର କଳାକାରମାନେ ସଭାପତି ବଟକୃଷ୍ଣ ପାତ୍ରଙ୍କୁ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି । ନୂତନଭାବେ ଗଠିତ ଜିଲା ସଂଘର ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ବଟକୃଷ୍ଣ ପାତ୍ର, ଉପସଭାପତି ଭାବେ ନୃସିଂହାନନ୍ଦ ପାଣିଗ୍ରାହୀ ଏବଂ ଭରତଭୂଷଣ ମହାନ୍ତି, ସମ୍ପାଦକ ମନୋଜ ପାଢି, ସହ ସମ୍ପାଦକ ଆଦର୍ଶ ଦାସ, କୋଷାଧ୍ୟକ୍ଷ ଭାବେ ସୁଭ୍ରାଂଶୁ ଶେଖର ପଟ୍ଟନାୟକ ମନୋନିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରବୀଣ ପଣ୍ଡା, କୈଳାସ ପଟ୍ଟନାୟକ, ବିଚିତ୍ରାନନ୍ଦ ବେବର୍ତ୍ତା, ଜଟିଆ ଗୌଡ, ହିମାଂଶୁ ଶେଖର ପଟ୍ଟନାୟକ ମନୋନୀତ ହୋଇଛନ୍ତି ।

## ପରିବହନ ବିଭାଗର ଅସ୍ଥାୟୀ ଶିବିର ପାଇଁ ଦାବି

କାଶୀନଗର, ୨୮।୧୧(ଡି.ଏନ.ଏ.)

ସରକାରଙ୍କ ନୂତନ ପରିବହନ ଆଇନ ଅନୁଯାୟୀ ଅତ୍ୟଧିକ ଫାଇନ କରାଯାଉଛି। ଫଳରେ ଗାଡ଼ିଚାଳକ, ମାଲିକମାନେ ଭୟଭୀତ ହୋଇପଡ଼ିଛନ୍ତି। କିଛି ମାସ ନିୟମକୁ କୋହଳ କରାଯିବାପରେ ଡିସେମ୍ବର ପହିଲାରୁ ପୁଣି ନିୟମକୁ କଡ଼ାକଡ଼ି କରାଯିବ ବୋଲି ଘୋଷଣା ପରେ ଲୋକେ ପରିବହନ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ପ୍ରତି ବ୍ଲକ୍‌ରେ କ୍ୟାମ୍ପ କରି ସମସ୍ତଙ୍କୁ ଲାଇସେନ୍ସ, ଇନସୁରାନ୍ସ ଆଦି ଯୋଗାଇଦେବାକୁ ସରକାରଙ୍କ ନିର୍ଦ୍ଦେଶନାମା ରହିଛି। ଗଜପତି ଜିଲାପାଳ ମଧ୍ୟ କାଶୀନଗରଠାରେ କ୍ୟାମ୍ପ କରିବା ପାଇଁ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଜିଲାପାଳଙ୍କ ନିର୍ଦ୍ଦେଶକୁ ମଧ୍ୟ ଏଠାରେ ଅବମାନନା କରାଯାଇଛି। ଏପର୍ଯ୍ୟନ୍ତ କାଶୀନଗରରେ କ୍ୟାମ୍ପ କରାଯାଇ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ପୁଣି କେତେକ ନିୟମକୁ ୩ମାସ ପର୍ଯ୍ୟନ୍ତ କୋହଳ କରାଯାଇଥିବାବେଳେ ବିଭାଗ ପକ୍ଷରୁ ଶୀଘ୍ର କ୍ୟାମ୍ପ କରାଯାଇ ସୁବିଧା ଯୋଗାଇଦେବା ପାଇଁ ଦାବି ହୋଇଛି।

### ଭୋଟର ସଚେତନତା କାର୍ଯ୍ୟକ୍ରମ



କାଶୀନଗର,୨୮।୧୧(ଡି.ଏନ୍.ଏ.)

କାଶୀନଗରସ୍ଥିତ ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ବକ୍ତୃତା, କୁଇଜ୍ ଏବଂ ରଙ୍ଗୋଲି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପାରଳାଖେମୁଣ୍ଡି ସହକାରୀ ଜିଲାପାଳ, ଜିଲା ଯୁବ ଅଧିକାରୀ ଏବଂ କାଶୀନଗର ଏବିଡିଓ ଉପସ୍ଥିତ ଥିଲେ। ସ୍କୁଲ ଅଧ୍ୟକ୍ଷ ନବକୃଷ୍ଣ ସାହୁକାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ସାଂସ୍କୃତିକ ସମିତି ଦାୟିତ୍ୱରେ ଥିବା ସଞ୍ଜୁକ୍ତା ପାଢି, ସସ୍ମିତା ଦାସ, ପି. ଭି. ରାଓ, ରବିନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ



### ସମ୍ବିଧାନ ଦିବସ ପାଳନ

**ସୁନାବେଡ଼ା, ୨୮।୧୧ (ଡି.ଏନ୍.ଏ.):** ସୁନାବେଡ଼ା ଯୁକ୍ତଦୁଇ ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏଥିରେ କଲେଜ ଅଧକ୍ଷ ଡ. ପବିତ୍ର କୁମାର ବେଦାନ୍ତ, ଡିଗ୍ରୀ ମହିଳା ମହାବିଦ୍ୟାଳୟ ଅଧକ୍ଷ ଉଷାରାଣୀ ଦାସ, ସୁନାବେଡ଼ା ପୌର ପରିଷଦ ଅଧକ୍ଷା ଶୁଭଶ୍ରୀ ମଲିକ ଓ ମା' ଘର ଫାଉଣ୍ଡେଶନ ଟ୍ରଷ୍ଟ କୋରାପୁଟ ଜିଲା ଶାଖା ପକ୍ଷରୁ ସଂଯୋଜକ ପ୍ରଭାକର ହନ୍ତାଳ ଉପସ୍ଥିତ ଥିଲେ । ସେହିପରି ହାଲ୍ ଏରୋନ୍‌ଟିକ୍ସ ମହାବିଦ୍ୟାଳୟରେ ଏବଂ ସହରାଞ୍ଚଳସ୍ଥିତ ଏଡିଏଭି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଶୋକ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ପାଳିତ ହୋଇଥିଲା ସମ୍ବିଧାନ ଦିବସ। ବରିଷ୍ଠ ଶିକ୍ଷୟିତ୍ରୀ କୁମୁଦିନୀ ତ୍ରିପାଠୀ, ଜୟନ୍ତୀ ବଳ, ବିଜୟଲକ୍ଷ୍ମୀ ବେହେରା, ରେଖା ପଟ୍ଟନାୟକ ଦେଶର ଏକତା ଓ ଅଖଣ୍ଡତା ବିବିଧତାକୁ ସମ୍ବିଧାନ ସବୁବେଳେ ରକ୍ଷା କରି ଆସିଛି ବୋଲି କହିଥିଲେ । ଅର୍ଚ୍ଚନା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

### ୬ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ



**ବୈପାରୀଗୁଡା,୨୮।୧୧(ଡି.ଏନ୍.ଏ):** ଗୁରୁବାର ବୈପାରୀଗୁଡା ପୋଲିସ ପକ୍ଷରୁ ପାଟ୍ରୋଲିଂ କରୁଥିବା ବେଳେ ଦଶମନ୍ତପୁର ନିକଟରେ ଏକ ଗଞ୍ଜେଇ ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଟ୍ରାକ୍ଟର ଡ୍ରାଇଭର ବୈପାରୀଗୁଡା ଥାନା ଅନ୍ତର୍ଗତ କଦମଗୁଡା ଗ୍ରାମର ରାଜେନ୍ଦ୍ର ଖରା ଓ ଦେବେନ୍ଦ୍ର ଖରା , ବୋରିଗୁମ୍ମା ଥାନା ଅନ୍ତର୍ଗତ ଜୟନ୍ତିଗିରି ଗ୍ରାମର ସଦା ଖରା । ନମ୍ବର ବିହିନ ଟ୍ରାକ୍ଟରରେ ଥିବା ୬ କୁଇଣ୍ଟାଲ ୬ କିଲୋ ଗଞ୍ଜେଇକୁ ଜବତ କରାଯାଇଛି। ଏସବୁ ଗଞ୍ଜେଇ ମାଲକାନାଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରୁ ପାହାଡିଆ ରାସ୍ତା ଦେଇ ଟ୍ରାକ୍ଟରରେ ଅଣାଯାଉଥିଲା । କୋଲାର ପଞ୍ଚାୟତ ଦିଶାରୀଗୁଡା ଗ୍ରାମରେ ଏକ ଗୋଦାମ ଘରେ ଗଚ୍ଛିତ ରଖାଯାଇ ବାହାର ବେପାରୀଙ୍କୁ ବିକିବାକୁ ଯୋଜନା କରାଯାଉଥିଲା ବୋଲି ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ ପ୍ରକାଶ କରିଛନ୍ତି ।

■ କୋରାପୁଟ ଜିଲାର ୨ ଜିଲା ପରିଷଦ ଉପନିର୍ବାଚନ

# ପୁତୁରାକୁ ହରାଇଲେ ଦାଦା

**ପଟ୍ଟାଙ୍ଗି,୨୮।୧୧(ଡି.ଏନ.ଏ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ୧୫ ନଂ ଜୋନର ଜିଲା ପରିଷଦ ଆସନ ନିମନ୍ତେ ବୁଧବାର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ଦାଦା-ପୁତୁରାଙ୍କ ମଧ୍ୟରେ ଲଢେଇ ହୋଇଥିଲା । ଶେଷରେ ପୁତରା ତଥା କଂଗ୍ରେସ ପ୍ରାର୍ଥୀ ତ୍ରିପତି ସାରାଙ୍କୁ ୨୬୭୩ ଖଣ୍ଡ ଭୋଟ ବ୍ୟବଧାନରେ ଦାଦା ତଥା ବିଜେଡି ପ୍ରାର୍ଥୀ ଲଇଛନ ଖରା ବିଜୟୀ ହୋଇଛନ୍ତି । ଅନ୍ୟପକ୍ଷରେ ଭାଜପାକୁ ପଛରେ ପକାଇ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି । ଉକ୍ତ ଉପନିର୍ବାଚନ ନିମନ୍ତେ ତାରିଖ ଘୋଷଣା ହେବା ପରଠାରୁ ବିଜେଡି କିପରି କଂଗ୍ରେସ ଏବଂ ଭାଜପାକୁ ପଛରେ ପକାଇ ନିଜ ଗଡ ରକ୍ଷା କରିବ ସେନେଇ ଦଳର ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ, କୋଟପାଡ ବିଧାୟକ ତଥା ମନ୍ତ୍ରୀ ପଦ୍ମିନି ଦିଆନ, କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା , କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ପ୍ରମୁଖ ଲାଗି ପଡ଼ିଥିଲେ । ଘନଘନ କୋଟିଆ, ମାଳିପୁଟ , ଦେଓପଟ୍ଟାଙ୍ଗି , ପୁକାଲି , ପଟ୍ଟାଙ୍ଗି, ନୁଆଗାଁ ଏବଂ ଗାଙ୍ଗରାଜପୁର ପ୍ରମୁଖ ଭୋଟରଙ୍କ ନିକଟରେ ପହଞ୍ଚି ଭୋଟ ହାତେଇ ବାକୁ ଦିନ ରାତି ଏକ କରି ଦେଇଥିଲେ । ଏହାର ସଫଳତା ଏବେ ମିଳିଛି। ସ୍ୱର୍ଗତ ଡୁମୁରି ଖିଲଙ୍କ ମୃତ୍ୟୁ ପରେ ୧ନଂ ଜିଲା ପରିଷଦ ସଭ୍ୟ ଆସନ ଖାଲି ପଡି ରହିଥିଲା । ବର୍ତ୍ତମାନ ବିଜେଡିର ଲଇଛନ ଖରା ତାଙ୍କ ଶ୍ୱଶୁରଙ୍କ ଆସନକୁ ହାତେଇଛନ୍ତି। ୨୩୭୦୮ ଭୋଟରଙ୍କ ମଧ୍ୟରୁ ୧୬୦୧୫ ଜଣ ମତଦାନ କରିଥିଲେ । ସେଥିମଧ୍ୟରୁ କଂଗ୍ରେସ ପ୍ରାର୍ଥୀ ତ୍ରିପତି ସାରା ୪୬୧୬ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିପରି ଭାଜପା ପ୍ରାର୍ଥୀ ରାଜେଶ ହନ୍ତାଳ ୩୦୨୧ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ବିଜେଡ଼ି ପ୍ରାର୍ଥୀ ଲଇଛନ ଖରା ୭୨୮୯ ଖଣ୍ଡ ଭୋଟ ପାଇଥିଲେ। ଫଳାଫଳ ଘୋଷଣା ହେବା ପରେ ବିଜୟୀ ପ୍ରାର୍ଥୀ ଲଇଛନଙ୍କୁ ନେଇ କୋରାପୁଟ ବିଧାୟକ ପଡାଲ , ପଟ୍ଟାଙ୍ଗି ବିଧାୟକ ପାଢ଼ୀ , ପୂର୍ବତନ ବିଧାୟକ ପାଙ୍ଗି , ଭଗବାନ ପେଣ୍ଡିଆ , ଅନନ୍ତ ରାମ ମାଟାମ , ନୁଆଗାଁ ସମିତି ସଭ୍ୟ ଜି ଉମା ମହେଶ୍ୱର ରାଓ , ପ୍ରତାପ ପରିଡ଼ା , ଜି କୋଟେଶ୍ୱର ରାଓ ଏବଂ ବ୍ଲକ ସଭାପତି ବିଶ୍ୱନାଥ ପଡାଲଙ୍କ ସମେତ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ସଦର ମହକୁମା ପରିକ୍ରମା କରିଥିଲେ । ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଏଫଆଇସି ସଭାଗୃହରେ ଅନୁଷ୍ଠିତ ଭୋଟ ଗଣନା କାର୍ଯ୍ୟକ୍ରମରେ ଜୟପୁର ଉପଜିଲାପାଳ ଲୋକନାଥ ଦଳ ବେହେରା , ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣାକର ପ୍ରଧାନ, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ସହକାରୀ ଯନ୍ତ୍ରୀ ସଞ୍ଜୟ କେସପଟା, ଏପିଓ ସନ୍ତୋଷୀ ମହାପାତ୍ର, ପିଇଓ ଦିବାକର ପୁରୋହିତ ପ୍ରମୁଖ ଉପସ୍ଥିତ ରହି ତଦାରଖ କରିଥିଲେ ।



ବିଜୟୀ ପ୍ରାର୍ଥୀ ଲଇଛନ ଖରାଙ୍କ ସହ ଅନ୍ୟମାନେ ।



କହ୍ନେଇ ଜାନୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

## ବିଜେଡି ପ୍ରାର୍ଥୀ କହ୍ନେଇ ଜାନି ୪୪୪୧ ଭୋଟରେ ବିଜୟୀ

**ଦଶମନ୍ତପୁର,୨୮।୧୧(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଜୋନ୍-୧୦ର ଜିଲା ପରିଷଦ ପ୍ରାର୍ଥୀ ନିମନ୍ତେ ଗତ ବୁଧବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେଡି ପ୍ରାର୍ଥୀ କହ୍ନେଇ ଜାନୀ ୪୪୪୧ ଭୋଟରେ ବିଜୟୀ ହୋଇଛନ୍ତି । କଂଗ୍ରେସର ନରି ହିକ୍କା ୬୧୫୬ଟି ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ୧୨୮୨ ଭୋଟ ପାଇଥିଲେ । ୨୧୪୯ଟି ଭୋଟ ନାକଚ ହୋଇଯାଇଛି। ଫଳାଫଳ ଘୋଷଣା ହେବା ପରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀଙ୍କ ଗହଣରେ ଶତାଧିକ କର୍ମୀ କହ୍ନେଇ ଜାନୀଙ୍କୁ ସ୍ୱାଗତ କରି ଶୋଭାଯାତ୍ରାରେ ବୁଲାଇଥିଲେ । ଏହାକୁ ବିଡିଓ ଡମ୍ବରୁଧର ମଲ୍ଲିକ, ଆଇଆଇସି ଖଗେଶ୍ୱର ସାହୁ, ଏଏସ୍‌ପି, ଏସ୍‌ଡିପିଓ ଉପଜିଲାପାଳଙ୍କ ସହ ବ୍ଲକସ୍ତରୀୟ ସମସ୍ତ କର୍ମୀ ସୁଚାରୁରୂପେ ପରିଚାଳନା କରିଥିଲେ । ୮ ପଞ୍ଚାୟତର ୨୭୪୫୮ ଭୋଟରଙ୍କ ମଧ୍ୟରୁ ୧୯୩୧୪ ଜଣ ଭୋଟର ମତଦାନ କରିଥିଲେ । ମୁଖ୍ୟତଃ ବିଜେଡି ଓ କଂଗ୍ରେସ ଦଳ ମଧ୍ୟରେ ଲଢ଼େଇ ହୋଇଥିଲା ।

■ କେବିକେ କମିଶନରଙ୍କ କୋଟିଆ ପଞ୍ଚାୟତ ଗସ୍ତ

# ଉନ୍ନୟନ କାର୍ଯ୍ୟର କଲେ ତଦାରଖ

**ପଟ୍ଟାଙ୍ଗି/କୋରାପୁଟ, ୨୮।୧୧(ଡି.ଏନ.ଏ./ସ୍ୱ.ପ୍ର.)**

■ କୋଟିଆରେ ଆରମ୍ଭ ହେଲା ବିଏସ୍‌ଏନ୍‌ଏଲ୍ ଟାୱାର

■ ୩ ସପ୍ତାହ ମଧ୍ୟରେ ୩ ଫେଜ ବିଦ୍ୟୁତ ବ୍ୟବସ୍ଥା

କେବିକେ କମିଶନର ସୁଦର୍ଶନ ପାଲ ଠାକୁର ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ତଥା ବିବାଦୀୟ କୋଟିଆ ପଞ୍ଚାୟତକୁ ଅଚାନକ ଗସ୍ତ କରିଛନ୍ତି। ସେ ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ତଦାରଖ କରିଥିଲେ । କୋଟିଆଠାରେ ଥିବା ମଙ୍ଗଳବିଭାଗର ନୂତନ ଛାତ୍ରାବାସ ନିର୍ମାଣ କାର୍ଯ୍ୟ, ବିଏସଏନଏଲ ମୋବାଇଲ ଟାୱାର, ସର୍କଲ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡି କେନ୍ଦ୍ର, କ୍ଲଷ୍ଟର ଗୃହ ସମେତ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଜାନୁୟାରୀ ୨୬ ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବାକୁ ପିଡି ଡିଆରଡିଏ ପ୍ରବୀର କୁମାର ନାୟକ , ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା, ପିଆଇଟିଡିଏ କାରୁ ସୋରେନ ଏବଂ ସାଉଥକୋ ଏକଜିକ୍ୟୁଟିଭ ଇଂଜିନିୟର ଚମନ ଲାକ୍ରାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ କୋଟିଆରେ ସାମୟିକ ଭାବେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ମୋବାଇଲ ଟାୱାର କାର୍ଯ୍ୟକ୍ଷମ କରାଯାଇଛି। ଆସନ୍ତା ୩ ସପ୍ତାହ ମଧ୍ୟରେ ଏଠାକୁ ୩ ଫେଜ ବିଦ୍ୟୁତ ବ୍ୟବସ୍ଥା କରାଯିବ । ପରେ ସ୍ଥାୟୀ ଭାବେ ବିଏସ୍‌ଏନ୍‌ଏଲ୍‌ର ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହେବ ବୋଲି ଜଣାଯାଇଛି। ଏଠାରେ ସୂଚନାଯୋଗ୍ୟ, ଆନ୍ଧ୍ର ରାଜ୍ୟ ବିଜୟନଗରମ ଜିଲା ପ୍ରଶାସନ ଉକ୍ତ ପଞ୍ଚାୟତକୁ ବାରମ୍ବାର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତ ବାସିନ୍ଦା ଙ୍କ ନିକଟରେ ପହଞ୍ଚାଇ ନିଜ ଉପସ୍ଥିତି କୁ ଜାହିର କରିଥିଲେ । ପରେ ଓଡିଶା ସରକାର ଏବଂ କୋରାପୁଟ ଜିଲା ପ୍ରଶାସନ ତରବରିଆ ଭାବେ ତତ୍ପରତା ପ୍ରକାଶ କରି କୋଟିଆ ପଞ୍ଚାୟତକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉକ୍ତ ପଞ୍ଚାୟତର ଉନ୍ନୟନ କ୍ଷେତ୍ରରେ ୧୫୦ କୋଟି ଟଙ୍କାର ଏକ ପ୍ୟାକେଜ ଘୋଷଣା କରି ବର୍ତ୍ତମାନ ବିଭିନ୍ନ କାର୍ଯ୍ୟର ନିର୍ମାଣ ଜାରି ରହିଛି । ସେହିଭଳି କେବିକେ ପ୍ରଶାସକ ଗୁରବାର ଜିଲାର ଲମତାପୁଟ ଅଞ୍ଚଳ ପରିଦର୍ଶନ କରି ସେଠାରେ ଉଦ୍ୟାନ ବିଭାଗ ଓ ଆଶା କିରଣ ସହଯୋଗରେ କରାଯାଇଥିବା ଆଦର୍ଶ ଫାର୍ମକୁ ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟର ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



କେବିକେ କମିଶନର ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

■ ସପ୍ତାହେ ହେଲା

# ରାସ୍ତାକଡ଼ରେ ପଡ଼ି ରହିଛି ୧୦୮ ଆମ୍ବୁଲାନ୍ସ

**ଜୟପୁର,୨୮।୧୧(ଡି.ଏନ.ଏ)**

କୋରାପୁଟ ଜିଲାରେ ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଗତ ଶୁକ୍ରବାରଠାରୁ ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥ ଭାରତୀୟ ଜୀବନ ବୀମା କାର୍ଯ୍ୟାଳୟ ନିକଟ ରାସ୍ତାରେ ଏକ ସପ୍ତାହ ହେଲାଣି ଏକ ୧୦୮ ଆମ୍ବୁଲାନ୍ସ ପଡ଼ି ରହିଛି । ଯାନ୍ତ୍ରିକ ତୃଟି ଯୋଗୁ ଏହି ଆମ୍ବୁଲାନ୍ସ (ଓଡି ୦୨ଇ-୧୬୩୮) ଏଠାରେ ଅଟକି ରହିଥିଲା । ରାସ୍ତା ଉପରେ ଏହାକୁ ଛାଡି ଡ୍ରାଇଭର ଓ କର୍ମଚାରୀ ଚାଲିଯାଇଥିଲେ । ସ୍ଥାନୀୟ ଲୋକେ ଏହାକୁ ରାସ୍ତା ପାର୍ଶ୍ୱକୁ ଠେଲି ରଖିଥିଲେ । ଇତିମଧ୍ୟରେ ୭ ଦିନ ବିତିଥିଲେ ମଧ୍ୟ ଏହାର ମରାମତି କରାଯାଉନାହିଁ । ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ରକ୍ଷଣାବେକ୍ଷଣ ଅଭାବ ଏବଂ ମରାମତି ନିମନ୍ତେ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ନେଇ ଜୈନିକ ଆମ୍ବୁଲାନ୍ସ ଡ୍ରାଇଭର ନାମ ଗୋପନ ରଖି ଏହା କହିଛନ୍ତି । କିଛି ଦିନ ପୂର୍ବେ ଘାଟି ଉପରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ନବରଙ୍ଗପୁର ଜିଲାର ୧୦୮ ଆମ୍ବୁଲାନ୍ସ(ଓଡି୦୨ଏନ୪୬୦୩) ଏୟାରଷ୍ଟ୍ରିପ ରାସ୍ତାରେ ପରିତ୍ୟକ୍ତ ଭାବେ ପଡିରହିଛି। ଉକ୍ତ ଆମ୍ବୁଲାନ୍ସର ଏକ ଚକ ବାହାର କରାଯାଇଛି। ଏହିପରି ଭାବେ ଆମ୍ବୁଲାନ୍ସ ପରିତ୍ୟକ୍ତ ଅବସ୍ଥାରେ ରହିଲେ ସମସ୍ତ ସାମଗ୍ରୀ ଚୋରି ହେବାର ଆଶଙ୍କା ରହିଛି । ଏଥିନେଇ ଆମ୍ବୁଲେନ୍ସ ପରିଚାଳନା ସଂସ୍ଥାର କୋଅର୍ଡିନେଟର ସରୋଜ ପଟ୍ଟନାୟକଙ୍କୁ ପଚାରିବାରୁ, ଯାନ୍ତ୍ରିକ ତୃଟି ଯୋଗୁ ଆମ୍ବୁଲାନ୍ସ ସେଠାରେ ରହିଛି। ଏହାକୁ କ୍ରେନ ସାହାଯ୍ୟରେ ଉଠାଇ ନିଆଯାଇ ମରାମତି କରିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।



ରାସ୍ତା କଡ଼ରେ ରହିଥିବା ଆମ୍ବୁଲାନ୍ସ।







ପ୍ରଗତି ପଥେ........ ଓ.ପି.ଇ.ଏଲ.ପି
**ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ଚାଟିକୋଣା**

**ଲକ୍ଷ୍ୟ ଓ ଉଦ୍ଦେଶ୍ୟ**
- ସମାଜର ମୁଖ୍ୟ ସ୍ରୋତରୁ ଦୂରରେ ଥିବା ନିର୍ଦ୍ଦିଷ୍ଟ ଆଦିମ ଜନଜାତି ମାନଙ୍କର ଜୀବନୀ ଶୈଳୀରେ ଉନ୍ନତି ଆଣିବା ଓ ଦାରିଦ୍ର୍ୟ ଦୂରୀକରଣ କରିବା।
- ଆଦିମ ଜନଜାତି ଲୋକଙ୍କୁ ସଶକ୍ତୀକରଣ କରିବା
- ଆଦିମ ଜନଜାତି ଲୋକଙ୍କର ଜୀବନ ଜୀବିକାରେ ଉନ୍ନତି ଆଣିବା।
- ସୁଷମ ଖାଦ୍ୟ ଓ ପୁଷ୍ଟିର ଅଭାବ ପୂରଣ କରିବା

**୨୦୧୮-୧୯ ଆର୍ଥିକ ବର୍ଷର ସଫଳତା**
- ୫ ଗୋଟି ଗ୍ରା.ପ.ର ୧୦୫ଟି ରାଜସ୍ୱ ଗ୍ରାମରେ ୮୯ଟି ଗ୍ରାମ୍ୟ ଉନ୍ନୟନ ସମିତି ଗଠନ ଓ ପଞ୍ଜୀକରଣ।
- ୧୦୫ଟି ରାଜସ୍ୱ ଗ୍ରାମରେ ପ୍ରବେଶ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ପାନୀୟଜଳ, ସୌରବିଦ୍ୟୁତ, ଗୋଷ୍ଠୀ ଗୃହ, ଗୋଷ୍ଠୀ ଖଳା, ସିମେଣ୍ଟ କଂକ୍ରିଟ୍ ରାସ୍ତା, ନାଳ, ସାମୂହିକ ଭାବେ କଂସାବାସନ, ଟେଣ୍ଟ ଆଦି ଯୋଗାଣର ବ୍ୟବସ୍ଥା।
- ୯ ଗୋଟି ଗ୍ରାମରେ ୯୦ (ନବେ) ଜଣ ଭୂମିହୀନ ଲୋକଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନିମନ୍ତେ ଦଳଗତ ମାଧ୍ୟମରେ ଛେଳି ଚାଷ ପାଇଁ ପ୍ରୋତ୍ସାହନ।
- ୪୦ଟି ଗ୍ରାମର ୪୦ ଜଣ ଅତି ଗରିବ ହିତାଧିକାରୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଜଣକ ପିଛା ୩୦,୦୦୦/- (ତିରିଶ ହଜାର) ଟଙ୍କାର ସହାୟତା ପ୍ରଦାନ।
- ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ୧୨ ଗୋଟି ପ୍ରକ୍ରିୟାକରଣ ପ୍ରକଳ୍ପ ଓ ୧ ଗୋଟି Catering Unitର ସହାୟତା ପ୍ରଦାନ।
- କିଂଜାମଜୋମି ଗ୍ରାମରେ ସୂଚନା ତଥା ସଂସ୍କୃତି କେନ୍ଦ୍ରର ପ୍ରତିଷ୍ଠା।
- ୧୫ ଗୋଟି ଗ୍ରାମରେ ପାନୀୟ ଜଳର ସୁବନ୍ଦୋବସ୍ତ ଓ ୧୦ଟି ଗ୍ରାମକୁ ସଂଯୋଗୀକରଣ ରାସ୍ତାର ଉନ୍ନତି କରଣ।
- କୃଷକମାନଙ୍କର ଜୀବନଜୀବିକାର ଉନ୍ନତି ଆଣିବା ପାଇଁ ଅଦା, ହଳଦୀ, ସପୁରୀ ତଥା ବିଭିନ୍ନ ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ଆର୍ଥିକ ପ୍ରୋତ୍ସାହନ ଓ ବୈଷୟିକ ଜ୍ଞାନ ପ୍ରଦାନ।

**ସ୍ୱତନ୍ତ୍ର ଅଧିକାରୀ**
DKDA – Chatikona


■ ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗ

# ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦାବିପତ୍ର

**ଜୟପୁର, ୨୮।୧୧(ନି.ପ୍ର)**

ବିକ୍ରମଦେବ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଅବିଭକ୍ତ କୋରାପୁଟ ଜିଲା ଯୁବ ଛାତ୍ର କ୍ରାନ୍ତି ସଙ୍ଗଠନ ତରଫରୁ ଜୟପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରର ନକଲ କଲେଜ ଅଧ୍ୟକ୍ଷା ରଚନା ଆଚାର୍ଯ୍ୟଙ୍କୁ ମଧ୍ୟ ପ୍ରଦାନ କରାଯାଇଛି । ସଙ୍ଗଠନ ସଭାପତି ଶିଶିର କୁମାର ମାଦଳା ଏହି ଦାବିପତ୍ର ପ୍ରଦାନ କରିଥିଲେ ।

ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷାର ପ୍ରାଣକେନ୍ଦ୍ର ଜୟପୁର ବିକ୍ରମଦେବ ମହାବିଦ୍ୟାଳୟ । ଏଠାରେ ୫ ହଜାର ଛାତ୍ରୀଛାତ୍ର ପଢୁଥିବା ବେଳେ ପ୍ରାୟ ୨୫ ଏକର ଜମିରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ଇତିମଧ୍ୟରେ ପ୍ରତିଷ୍ଠାର ୭୩ ବର୍ଷ ବିତି ଗଲାଣି, କିନ୍ତୁ ଏହି ଜିଲାର ଉଚ୍ଚ ଶିକ୍ଷାରେ ଉନ୍ନତି ହୋଇ ପାରିଲା ନାହିଁ । ୨୦୧୫ ରେ ଭବାନୀପାଟଣା କଲେଜ, ଖଲିକୋଟ କଲେଜ ଓ ରାଜଧାନୀ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଛି । ହେଲେ ବିକ୍ରମ ଦେବ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଗଲା ନାହିଁ । କଲେଜରେ କ୍ୟାଣ୍ଟିନର ସୁବିଧା ନାହିଁ, ବିକ୍ରମ ଦେବ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ମିଳିବା ପରେ ୨୦୧୮ରୁ ଏହାର ନବୀକରଣ ହୋଇ ପାରିଲା ନାହିଁ । ୧ ବର୍ଷ ଧରି ଫ୍ଲାଇଓଭର ଶିଳାନ୍ୟାସ ହୋଇ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଏସବୁ ଦାବି ୧୦ ଦିନ ମଧ୍ୟରେ ପୂରଣ ନ ହେଲେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥ କହିଛନ୍ତି ବିକ୍ରମ ଦେବ କଲେଜକୁ ବିଶ୍ୱ ବିଦ୍ୟାଳୟ କରିବା ନେଇ ସରକାର ନିଷ୍ପତ୍ତି ନେବେ । କଲେଜ କ୍ୟାଣ୍ଟିନ ସମସ୍ୟା କଲେଜ କର୍ତ୍ତୃପକ୍ଷ ସମାଧାନ କରିବେ ।



ଜୟପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

